# କବି ବାଞ୍ଛାନିଧି

ଡଃ ହରେକୃଷ୍ଣ ମହତାବ

ବାଞ୍ଛାନିଧି ବାବୁ ମୋଠାରୁ ବୟସରେ ପ୍ରାୟ ତିନିବର୍ଷ ବଡ଼ ଥିଲେ । ଘଟଣା ଚକ୍ରରେ ଭଦ୍ରକ ସ୍କୁଲରେ ମୁଁ ଛାତ୍ର ଥିଲା ବେଳେ ସେ ଜଣେ ଶିକ୍ଷକ ଥିଲେ । ଅସହଯୋଗ ଆନ୍ଦୋଳନରେ ଆମ୍ଭେମାନେ ସମସ୍ତେ ମାତିଲୁଁ, ବାଞ୍ଛାନିଧିଙ୍କ ସଂଗୀତ ଜନତାର ହୃଦୟ ସ୍ପର୍ଶ କରି ସେମାନଙ୍କ ପ୍ରାଣକୁ ଯେପରି ଆଲୋଡ଼ନ କରୁଥିଲା, ସେଥିରେ ଆମେ ସମସ୍ତେ ମଧ୍ୟ ଆତ୍ମହରା ହୋଇ ଯାଇଥିଲୁ । ବାସ୍ତବିକ ସେ ଥିଲେ କବି ।

ମନୁଷ୍ୟ ଯେତେବେଳେ  ଗଭୀର ନିଦ୍ରାମଗ୍ନ, ସେତେବେଳେ ପ୍ରତୁଷ୍ୟର ସଂବାଦ ଦିଅନ୍ତି କାକ, କୋକିଳ, କୁମ୍ଭାଟୁଆ । ସେମାନଙ୍କ ସ୍ୱରରେ ମନୁଷ୍ୟ ଜାଗି ଉଠେ । ପ୍ରତ୍ୟୁଷରେ ଆମ ମନକୁ ସେମାନେ ଜାଗି ପାରନ୍ତି, ସେମାନଙ୍କ ସରଳ ଶୁଦ୍ଧ ଅବଚେତନ ସ୍ତରରୁ । ସେମାନଙ୍କର ମନୁଷ୍ୟ ପରି ମନ ଜିନିଷଟି ନାହିଁ । ଥିଲେ ସେମାନେ ମନୁଷ୍ୟକୁ ଆହୁରି ଭବିଷ୍ୟତର ବହୁ ସଂଦେଶ ଦେଇ ପାରୁଥାନ୍ତେ । କବିର ମନ ଅଛି ଏବଂ  ତାଙ୍କର ଅବଚେତନ ଅବସ୍ଥାରେ ସେ ଭବିଷ୍ୟତର ସଂକେତ ପାଆନ୍ତି । ଏବଂ ତାହାକୁ ହିଁ ସେ ଭାଷାରେ ପ୍ରକାଶ କରନ୍ତି । ଏହା ହିଁ ହେଉଛି ଶାଶ୍ୱତ କବିଙ୍କର ଲକ୍ଷଣ । ବାଞ୍ଛାନିଧି ଜଣେ ଶାଶ୍ୱତ କବିଥିଲେ । ସେ  କୌଣସି ଆନ୍ଦୋଳନରେ କାରାବରଣ କରିନଥିଲେ ବା ତାଙ୍କର ମୃତ୍ୟୁ ବେଳକୁ ଦେଶରେ ସମାଜବାଦର ସ୍ୱର ଉଠିନଥିଲା । ତଥାପି ସେ ଭବିଷ୍ୟତର ସୂଚନା ସଂଗୀତତାକାରରେ ଜନତାକୁ ଦେଇଥିଲେ । ଆଜି ସୁଦ୍ଧା ସେ ସଙ୍ଗୀତର ଝଙ୍କାର କାନେ କାନେ ଗୁଞ୍ଜରି ଉଠୁଛି । ହୁଏତ ତାଙ୍କର ପଦ୍ୟାବଳୀ ଅନେକ ପଢିନଥିବେ । ତେଣୁ ତାଙ୍କର କବତାର କିଛି ଅଂଶ ଏଠାରେ ଉଲ୍ଲେଖ କରୁଛି-

କି ହେବ ସେ ସ୍ୱରାଜ୍ୟ ଘେନି,
ଯେବେ ମୋର ନପୁରେ ପେଟ
ଜାଗହେ ଜାଗହେ ଜାଗ ପଲ୍ଲିବାସୀ
ଜାଗ ଶ୍ରମଜୀବୀ ଜାଗ୍ରହେ
ଜାଗହେ କୃଷକ ଜଗତ ପୋଷାକ
ବଞ୍ଚିବାକୁ ନିଜେ ଲାଗହେ ॥

ଅବଶ୍ୟ ଏସବୁ ଗାନ୍ଧି ଚିନ୍ତାଧାରା ଅନ୍ତର୍ଭୁକ୍ତ । ଗାନ୍ଧିଜୀ ସ୍ୱାଧୀନତା ଆନ୍ଦୋଳନ ସହିତ ଯେଉଁ ସମାଜିକ ଓ ଅର୍ଥନୈତିକ ସଂସ୍କାରକୁ ମିଶାଇ ଦେଇଥିଲେ ତାହା ହିଁ କବିଙ୍କ ଲେଖନୀରଚୁ ପ୍ରକାଶ ପାଇଛି । ତାହା ହିଁ ଆଜି ସମାଜବାଦର ପ୍ରତିଷ୍ଠା ପାଇଁ ମୂଳଭିତ୍ତି ପ୍ରସ୍ତୁତ କରିଛି । ୧୯୨୧ରେ ବିଦେଶୀ ବସନ ବର୍ଜନ ଓ ଆନୁଷ୍ଠାନିକ ଭାବେ ବିଦେଶୀ ବସନ ଦହନ କାର୍ଯ୍ୟକ୍ରମ ଥାଏ । ସ୍ତୁପାକାରରେ ବିଦେଶୀ ଲୁଗା ସଂଗ୍ରହ କରି ସେଥିରେ ଅଗ୍ନି ସଂଯୋଗ ପୂର୍ବ ବାଞ୍ଛାନିଧିଙ୍କ କୀର୍ତ୍ତନ ବୋଲି ଦଳେ ସେହି ସ୍ତୂପ ଚାରିପାଖ ବୁଲିଲେ ।

ତେଜ ତେଜ ଭାଇ ବିଦେଶୀ ବସନ ହେ ।

ସ୍ତୂପରେ ଅଗ୍ନି ସଂଯୋଗ କରି ଦିଆଗଲା । କୀର୍ତ୍ତନର ଉନ୍ମାଦନାରେ ଜଣେ ନିଆଁ ଭିତରକୁ ପଶିଗଲେ ଓ ତାଙ୍କୁ ଟାଣି ଆଣିବାକୁ ହୋଇଥିଲା ।

ବାଲେଶ୍ୱର ଠାରୁ ବାରମାଇଲ ଦୂର ଇଞ୍ଚୁଡ଼ି ଚଟା ଠାରେ ଲୁଣ ମାରିବା ପାଇଁ ଶହ ଶହ ନର ନାରୀ ବାଳକ ବାଳିକା ଚାଲୁଛନ୍ତି ଶୋଭାଯାତ୍ରାରେ-

ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ,
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନ ରେ
ଗାଅ ସାଗର ଭୂଧର ଅମ୍ବର ଚୁମ୍ବିତ
ମାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ।

ଏ ସଙ୍ଗୀତ ସେତେବେଳେ ଶୁଣି ପଣ୍ଡିତ ନୀଳକଣ୍ଠ କହିଥିଲେ ମୋର ରୋମାଞ୍ଚ ଜାତ ହେଉଛି । କଟକରେ ପ୍ରାଦେଶିକ ସମ୍ମିଳନୀ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସଭାପତି । କନିକା ଅତ୍ୟାଚାର ଚାଲିଥାଏ । ବାଂଛାନିଧିଙ୍କ ସଙ୍ଗୀତ ବୋଲା ହେଲା । ହଜାର ହଜାର ଶ୍ରୋତାମଣ୍ଡଳୀଙ୍କ ଆଖିରୁ ଲୁହ ବହିଲା । ଅତ୍ୟାଗାରୀର ନଗ୍ନ ରୂପ ଯେପରି ସମସ୍ତେ ଆଖି ଆଗରେ ଦେଖୁଛନ୍ତି  ଏପରି ହୃଦୟସ୍ପର୍ଶୀ ସେ କବିତା ଥିଲା-

କେତେଦିନ ଆଉ ଦୁଃଖିନୀ କନିକା

ଅନୀତି ଯାତନା ସହିବ
ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ
ଲିହିଥିଲା କିବା ଦଇବ ॥
କହ ନାନୀ କହ ମୋତେ
କିମ୍ବା ବାୟାଣୀ ହୋଇଗଲୁ ଏତେ
ପିତାପଢା ଶାଢୀ ତୁ ପିନ୍ଧିଲୁ
ଭାଇ ଭଉଣୀଙ୍କୁ ଭୋକେ ରଖିଲୁ ॥

ଗୀତ ଗାଇ ସ୍ୱେଚ୍ଛାସେବକମାନେ ଗ୍ରାମେ ଗ୍ରାମେ ବୁଲୁଥିଲାବେଳେ ଘରଭିତରୁ ସ୍ତ୍ରୀ ଲୋକେ ବିଦେଶୀ ଲୁଗା ଫୋପାଡ଼ି ଦିଅନ୍ତି -ଅଦ୍ଭୁତ ସେ ସଂଗୀତର ପ୍ରଭାବ। ସେ ସମୟକୁ ଯେପରି କବି ସଂଗୀତର ମୁର୍ଚ୍ଛନାରେ ଭସାଇ ଦେଇଛନ୍ତି, ଏହିପରି ମନେ ହେଉଥାଏ।

ସମୟର ପ୍ରତୀକ ଥିଲେ କବି ବାଞ୍ଛାନିଧି। ଜନତାର ଭାବରେ ରୂପ ଦେଇ ସେ ସଂଗୀତ ରଚନା କରିଥିଲେ। ସାର୍ଥକ କବି ବାଞ୍ଛାନିଧି ଇତିହାସରେ ଅମର ହୋଇ ରହିବେ।

ନିଜ ସମ୍ବନ୍ଧରେ କବି ଲେଖିଛନ୍ତି :-

ମୋର ଭଙ୍ଗା କୁଡ଼ିଆରେ ଭଙ୍ଗା ପରାଣରେ
ଭଙ୍ଗା କବିତାକୁ ଯୋଡୁଥିଲି
ମୋର ଭଙ୍ଗା ଜୀବନକୁ କବିତା ଡ଼ଙ୍ଗାରେ
ଉଠାଇ ନେବାକୁ ଲୋଡୁଥିଲି।

ବାସ୍ତବିକ କବି କେବଳ ନିଜ ଜୀବନକୁ କବିତାରେ ଭସାଇ ଦେଇ ନଥିଲେ। ସେ ବିଶାଳ ଜନତାକୁ ମଧ୍ୟ ତାଙ୍କ ସାଙ୍ଗରେ ଭସାଇ ନେଇଯାଇଥିଲେ। ଧନ୍ୟ କବି ବାଞ୍ଛାନିଧି। ଧନ୍ୟ ତମର କବିତାର ପ୍ରତିଭା !!